# ଗାନ୍ଧୀଙ୍କ ୧୫୦ତମ ଜନ୍ମ ବର୍ଷରେ - ଗାନ୍ଧୀବାଦ

**ବୀରେନ୍ଦ୍ର ନାୟକ**

'ଗାନ୍ଧୀବାଦ' ପଦଟି ବହୁ ଉଚ୍ଚାରିତ ଶବ୍ଦ । କେବେ ଏହି ପଦଟିର ବ୍ୟବହାର ହେଲା, ତାହା ଓ ଏହି ପଦର ଅର୍ଥ କଣ ତାହାର ସନ୍ଧାନ କରିବାକୁ ଯାଇ ଯାହା ଏଯାବତ୍ ଏ ଲେଖକକୁ ପ୍ରାପ୍ତ ହୋଇଛି, ତାହାର ଉପସ୍ଥାପନା କରିବା ଏହି ନିବନ୍ଧର ଉଦ୍ଦେଶ୍ୟ ।

***ଗାନ୍ଧୀଙ୍କ ମନ୍ତବ୍ୟ***

ଗାନ୍ଧୀ ନିଜେ କହୁଥିଲେ 'ଗାନ୍ଧୀବାଦ' ବୋଲି ସେପରି କିଛି ନାହିଁ । ଏହା ଗାନ୍ଧୀ କହୁଥିଲେଂ ଗାନ୍ଧୀ ସେବା ସଂଘର ସଭ୍ୟମାନଙ୍କୁ, ୧୯୩୬ ମସିହାରେ ଅନୁଷ୍ଠିତ ସପ୍ତାହବ୍ୟାପୀ (ଫେବୃଆରୀ ୨୯-ମାର୍ଚ୍ଚ ୬) ଅଧିବେଶନରେ ଯେତେବେଳେ ଏହି ସଭ୍ୟମାନେ ଏକ ପ୍ରକାର ସଙ୍ଗଠିତ ପ୍ରଚାର ବ୍ୟବସ୍ଥାର ପ୍ରସ୍ତାବ ରଖୁଥିଲେ ଯାହାଦ୍ୱାରା ଗାନ୍ଧୀଙ୍କ ଶିକ୍ଷାର ପ୍ରସାର ହୋଇପାରିବ । 'ଗାନ୍ଧୀବାଦ' ପଦକୁ ଅସ୍ୱୀକାର କରିବା ସହ ସେ ମଧ୍ୟ କହୁଥିଲେ ଯେ ସେ 'ତାଙ୍କ ପଛରେ କୌଣସି ଗୋଷ୍ଠୀ ଛାଡ଼ିବା ଚାହାନ୍ତି ନାହିଁ 'ଅର୍ଥାତ୍ ସେମାନଙ୍କୁ ଯେଉଁମାନେ 'ଗାନ୍ଧୀବାଦୀ' ବୋଲାଇବେ । ସେ କହୁଥିଲେ, "ମୁଁ କୌଣସି ନୂଆ ନୀତି ବା ମତବାଦ ସୃଷ୍ଟି କରିଛି ବୋଲି ଦାବି କରେ ନାହିଁ । ମୁଁ କେବଳ ମୋ ବାଟରେ ଶାଶ୍ୱତ ସତ୍ୟକୁ ଆମର ଦୈନନ୍ଦିନ ଜୀବନ ଓ ସମସ୍ୟାରେ ହିଁ ପ୍ରୟୋଗ କରିଛି ।" ଏହି ବକ୍ତବ୍ୟଟିକୁ ଆହୁରି ବ୍ୟାଖ୍ୟା କରି ସେ କହୁଥିଲେଂ, "ବିଶ୍ୱକୁ ଶିକ୍ଷା ଦେବାପାଇଁ ମୋ ପାଖରେ ନୂଆ କିଛି ନାହିଁ । ସତ୍ୟ ଓ ଅହିଂସା ପର୍ବତ ପରି ପୁରାତନ । ମୁଁ କେବଳ ଏହି ଦୁଇଟିର ପ୍ରୟୋଗ ବ୍ୟାପକ ସ୍ତରରେ କରିବାକୁ ଚେଷ୍ଟା କରିଛି । ଏହା କରିବାବେଳେ ମୁଁ ବେଳେ ବେଳେ ଭୁଲ କରି ବସିଛି ଏବଂ ଏହି ଭୁଲରୁ ଶିଖିଛି । ଜୀବନ ଓ ଏହାର ସମସ୍ୟା ମୋ ପାଇଁ ହୋଇଛି ସତ୍ୟ ଓ ଅହିଂସା ପାଳନରେ ପ୍ରୟୋଗ ।' କିନ୍ତୁ ଏହା ସହିତ ସେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହୁଥିଲେଂ ଯେ 'ତାଙ୍କର ମତ ଓ ନିଷ୍କର୍ଷ' ଅନ୍ତିମ କଥା ନୁହେଁ, 'ଆସନ୍ତାକାଲି ସେଗୁଡ଼ିକୁ ସେ ବଦଳାଇ ପାରନ୍ତି ।' ଅବଶ୍ୟ ଗାନ୍ଧୀବାଦ ବୋଲି ସେପରି କିଛି ନାହିଁ ବୋଲି ଗାନ୍ଧୀ କହିବାକୁ ଗାନ୍ଧୀଙ୍କର ସ୍ୱାଭାବିକ ବିନମ୍ରତା ବୋଲି ଆମ୍ବେଦକର ମନ୍ତବ୍ୟ କରିଥିଲେ । ତାଙ୍କ ଭାଷାରେଂ, "ଏହା(*କହିବା*) ଦ୍ୱାରା ଗାନ୍ଧୀବାଦର ଅସ୍ତିତ୍ୱ ଅପ୍ରମାଣିତ ହୁଏ ନାହିଁ । ଗାନ୍ଧୀବାଦ ଶିରୋନାମାରେ ଅନେକ ପୁସ୍ତକ ଅଛି, ଯାହାକୁ ଗାନ୍ଧୀ ବିରୋଧ କରି ନାହାନ୍ତି ।"

***ଭଗତ ସିଂହଙ୍କ ପରିଭାଷା***

'ଗାନ୍ଧୀବାଦ' ବୋଲି କିଛି ନାହିଁ ବୋଲି ଗାନ୍ଧୀ କହିବାର ପାଂଚବର୍ଷ ପୂର୍ବରୁ , ୧୯୩୧ ମସିହା ଫେବୃଆରୀ ମାସ ୨ ତାରିଖରେ, 'ଯୁବ ରାଜନୈତିକ କର୍ମୀମାନଙ୍କୁ' ଶିରୋନାମରେ ଭଗତ ସିଂହଙ୍କ ଦ୍ୱାରା କାରାଗାର ଭିତରୁ ଲିଖିତ ଏକ ଆହ୍ୱାନଧର୍ମୀ ନିବନ୍ଧରେ 'ଗାନ୍ଧୀବାଦ' ପଦଟି ଉଲ୍ଲେଖ ହୋଇଥିବାର ଦେଖୁ। ସେ ଲେଖିଥିଲେଂ, "କଂଗ୍ରେସ ଆନ୍ଦୋଳନ, ଯାହା ଉପରେ ଆଜିକା ଦିନରେ ଗାନ୍ଧୀବାଦର ମୋହର ବସା ଯାଇପାରେ, ତାହାର ସମ୍ଭାବନା, ବିଫଳତା ଓ ସଫଳତାକୁ ନେଇ ଆମର କୌଣସି ଭ୍ରମ ରହିବା ଉଚିତ ନୁହେଁ। ଏହା ସ୍ୱାଧୀନତା ପାଇଁ ଦୃଢ଼ତାର ସହ ଠିଆହୋଇ ନାହିଁ, ଏହା ସମର୍ଥନ କରେ 'ସହଭାଗିତା'କୁ (Parternership), ଯାହା 'ପୂର୍ଣ୍ଣ ସ୍ୱାଧୀନତା' ବୋଲି ଏକ ବିଚିତ୍ର ବ୍ୟୁତ୍ପତ୍ତି କରାଯାଉଛି । ଏହାର ଉପାୟ ହେଉଛି ଅଭିନବ କିନ୍ତୁ ଲୋକଙ୍କ ଅସହାୟତାକୁ ଦୂର କରିବା ପାଇଁ ନୁହେଁ । ସାବରମତୀ ସନ୍ଥଙ୍କ ପାଇଁ ଅନୁଗାମୀ ଗାନ୍ଧୀବାଦ ଦ୍ୱାରା ଆସିବେ ନାହିଁ । ଏହା ଲିବରାଲ (ଉଦାରବାଦୀ) ଓ ରେଡିକାଲ (ଚରମପନ୍ଥୀ) ମିଶାମିଶି ଏକ ମଧ୍ୟବର୍ତ୍ତୀ ଦଳର ଭୂମିକା ନିର୍ବାହ କରିଛି ଓ କରୁଛି, କିନ୍ତୁ ବାସ୍ତବ ସ୍ଥିତିର ମୁକାବିଲା କରିବାକୁ ପଛାଉଛି । " ଏହି ଲେଖାରେ ସେ ଯୁବ ରାଜନୈତିକ କର୍ମୀଙ୍କୁ ସ୍ମରଣ କରାଉଥିଲେ ମାର୍କ୍ସୀୟ ଭିତ୍ତି ଉପରେ ସମାଜର ପୁନର୍ଗଠନ ହେଉଛି ସେମାନଙ୍କର ଆଦର୍ଶ ଓ ଏହାକୁ ସାକାର କରିବା ପାଇଁ ସରକାରୀ ତନ୍ତ୍ରକୁ ଅକ୍ତିଆର କରିବାର ଆବଶ୍ୟକତା ।

***'ଗାନ୍ଧୀବାଦ' ବିରୁଦ୍ଧରେ ସ୍ଲୋଗାନ***

୨୩ ମାର୍ଚ୍ଚ ୧୯୩୧ ଦିନ ଭଗତ ସିଂହଙ୍କୁ ଫାଶୀ ଦିଆଯାଏ । ଏହାର ପ୍ରବଳ ପ୍ରତିବାଦ ହୁଏ । ସଦ୍ୟ ସ୍ୱାକ୍ଷରିତ ଗାନ୍ଧୀ-ଇରୱିନ୍ ରାଜିନାମା (୫ ମାର୍ଚ୍ଚ ୧୯୩୧) ଏଥିପାଇଁ ଦାୟୀ ବୋଲି ଅଭିଯୋଗ ହୁଏ । ଗାନ୍ଧୀ ଚାହିଁଥିଲେ ଫାଶୀକୁ ଅଟକାଇ ପାରିଥାନ୍ତେ ବୋଲି

ଧାରଣା ହୁଏ । ଭଗତ ସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ (୧୯୨୬) ନୌଜଓ୍ୱାନ ଭାରତ ସଭାର ସଭ୍ୟମାନେ କରାଚୀ ରେଳ ଷ୍ଟେସନରେ ଗାନ୍ଧୀଙ୍କ ବିରୋଧରେ ସ୍ଲୋଗାନ ଦିଅନ୍ତି[୪], 'Gandhi go back', 'Down with Gandhism', 'Gandhi's truce has sent Bhagat Singh to gallows' 'Long Live Bhagat Singh' । ୨୫ ମାର୍ଚ୍ଚରେ କରାଚୀ ଠାରେ ଆରମ୍ଭ ହେଉଥିବା କଂଗ୍ରେସ ଅଧିବେଶନରେ ଯୋଗ ଦେବାପାଇଁ ଗାନ୍ଧୀ କରାଚୀ ରେଳ ଷ୍ଟେସନରେ ଓହ୍ଲାଉଥିବାବେଳେ ଏହାଥିଲା ଦୃଶ୍ୟ । 'ଗାନ୍ଧୀବାଦ'କୁ ଭର୍ତ୍ସନା କରୁଥିଲେ ଭଗତ ସିଂହଙ୍କ ଅନୁଯାୟୀ ନୌଜଓ୍ୱାନ ସଭାର ସଭ୍ୟମାନେ । କିନ୍ତୁ ଭାଇସରାଏ ଇରଓ୍ୱିନଙ୍କ ମତରୁ ଜଣାପଡେ ଯେ ଗାନ୍ଧୀ, ଭଗତ ସିଂହ ଓ ତାଙ୍କ ସହଯୋଗୀମାନଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତ କରିବା ପାଇଁ ବେଶ୍ ନିବେଦନ କରିଥିଲେ । ଲର୍ଡ ଇରଓ୍ୱିନଙ୍କ ଭାଷାରେ[୫], "ଯେତେବେଳେ ମୁଁ ଶୁଣୁଥିଲି ଗାନ୍ଧୀଙ୍କର ନିବେଦନ ଯେ ମୃତ୍ୟୁଦଣ୍ଡକୁ ଆଜୀବନ କାରାବାସରେ ବଦଳାଇ ଦିଆଯାଉ, ସେତେବେଳେ ମୁଁ ଭାବୁଥିଲି କେଉଁ ଦିଗ ଉପରେ ଏତେ ନିଶ୍ଚିତ ରହି ଅହିଂସାର ଏହି ଦୂତଜଣକ ଏତେ ଆନ୍ତରିକତାର ସହ ସେମାନଙ୍କ ପାଇଁ ନିବେଦନ କରୁଛନ୍ତି ଯେଉଁମାନେ ଏକ ଏପରି ମତବାଦରେ ବିଶ୍ୱାସ କରନ୍ତି ଯାହା ମୌଳିକ ସ୍ତରରେ ତାଙ୍କ ମତବାଦର ବିରୋଧୀ । କିନ୍ତୁ କୌଣସି ପ୍ରକାର ରାଜନୈତିକ କାରଣ ଦ୍ୱାରା ନିଜର ରାୟ ପ୍ରଭାବିତ ହେବାକୁ ମୁଁ ସମ୍ପୂର୍ଣ୍ଣ ଭୁଲ ବୋଲି ବିଚାର କରୁଥିଲି । ମୁଁ ଏପରି କୌଣସି ମାମଲା ଚିନ୍ତା କରିପାରୁନଥିଲି ଯାହା ଆଇନାନୁସାରେ ଏପରି ଦଣ୍ଡପାଇବା ପାଇଁ ଅଧିକ ଯୋଗ୍ୟ ହୁଅନ୍ତା ।" (ଲର୍ଡ ଇରଓ୍ୱିନଙ୍କୁ ଗାନ୍ଧୀ ତାଙ୍କ ନିବେଦନ ପତ୍ରରେ (୨୩ ମାର୍ଚ୍ଚ ୧୯୩୧) ଲେଖିଥିଲେ[୬],"...ଶାନ୍ତିର ସ୍ୱାର୍ଥରେ ଏହି ଅନ୍ତିମ ନିବେଦନ ପତ୍ର ଲଖୁଛି । ଯଦିଓ ଆପଣ ଅତି ଖୋଲାଖୋଲି ଭାବରେ କହିଥିଲେ ଯେ ଭଗତ ସିଂହ ଏବଂ ତାଙ୍କ ଦୁଇ ସହଯୋଗୀଙ୍କ ଉପରେ ଲାଗିଥିବା ଫାଶୀଦଣ୍ଡକୁ ବଦଳାଇବାର ସମ୍ଭାବନା ଅତି କ୍ଷୀଣ, ତଥାପି ଆପଣ କହିଥିଲେ ଯେ ମୁଁ ଶନିବାର ଦିନ ଆପଣଙ୍କ ନିକଟରେ କରିଥିବା ନିବେଦନକୁ ବିଚାର କରିବେ....ଭୁଲ ହେଉ ବା ଠିକ୍ ହେଉ ଲୋକମତ ଚାହେଁ ଫାଶୀଦଣ୍ଡର ନିର୍ଦ୍ଦେଶ ବଦଳୁ । ଯେଉଁଠି କୌଣସି ନୀତି ବା ସିଦ୍ଧାନ୍ତ ପ୍ରତି ବିପଦ ନାହିଁ, ଏହାକୁ ସମ୍ମାନ ଦେବା ଆମର କର୍ତ୍ତବ୍ୟ । ଯଦି ଫାଶୀଦଣ୍ଡକୁ ବଦଳାଇ ଦିଆଯାଏ ତାହେଲେ ବହୁତ ସମ୍ଭବ ଯେ ଆଭ୍ୟନ୍ତରୀଣ ଶାନ୍ତିରେ ଉନ୍ନତି ଆସିବ । ଯଦି ଫାଶୀ ଦିଆଯାଏ ତାହାହେଲେ ନିଃସନ୍ଦେହ ଶାନ୍ତି ବିପନ୍ନ ହେବ ।...ଯେହେତୁ ଆପଣ ଶାନ୍ତି ସମର୍ଥନରେ ମୋର ପ୍ରଭାବକୁ ମହତ୍ୱ ଦିଅନ୍ତି, ଅକାରଣରେ ମୋ ଅବସ୍ଥାକୁ ଯାହା ଏମିତି ତ ଜଟିଳ ଅଛି, ତାହାକୁ ଭବିଷ୍ୟତ କାର୍ଯ୍ୟ ସାଧନ ପାଇଁ ଅଧିକ ଜଟିଳ କରନ୍ତୁ ନାହିଁ ।" ତଥାପି ଗାନ୍ଧୀ ଓ ଗାନ୍ଧୀବାଦ ବିରୋଧୀ ସ୍ଲୋଗାନ ଦେଉଥିବା ଯୁବକମାନଙ୍କ ସମ୍ପର୍କରେ ଗାନ୍ଧୀ ୨୬ ମାର୍ଚ୍ଚ ୧୯୩୧ଦିନ କରାଚୀ କଂଗ୍ରେସ ଅଧିବେଶନରେ କହୁଥିଲେ[୭], "ସେମାନଙ୍କର ଅଧିକାର ଥିଲା ଏପରି କରିବାର କାରଣ ସେମାନେ ଭାବୁଥିଲେ ଯେ ଭଗତ ସିଂହଙ୍କୁ ରକ୍ଷା କରିବାପାଇଁ ମୋ କ୍ଷମତା ଭିତରେ ଯାହା କରିପାରିବା କଥା ତାହା ସବୁ କରିନାହିଁ ବା ମୁଁ ଅହିଂସାରେ ବିଶ୍ୱାସ କରୁଥିବା ହେତୁ ଭଗତ ସିଂହ ଓ ତାଙ୍କ ସାଥୀଙ୍କୁ ଅବହେଳା କରିଛି ।" ଆହୁରି କହୁଥିଲେ[୭], "ସେହି ଯୁବକମାନେ ସାରା ବିଶ୍ୱକୁ ଜଣାଇବାକୁ ଚାହୁଁଥିଲେ ଯେ ମହାତ୍ମା ଯେତେ ମହାନ ହୁଅନ୍ତୁ ନା କାହିଁକି, ସେମାନେ ନିଶ୍ଚିତ ଯେ, ସେ ଭାରତର କ୍ଷତି କରୁଥିଲେ । ଯଦି ସେମାନେ ଅନୁଭବ କରୁଥିଲେ ଯେ ମୁଁ ଭାରତ ପ୍ରତି ବିଶ୍ୱାସଘାତକତା କରୁଥିଲି, ତାହାହେଲେ ସେମାନଙ୍କର ସମସ୍ତ ଅଧିକାର ଥିଲା ମୋତେ ପଦାରେ ପକାଇବାକୁ (expose)।" ଏହି ବିକ୍ଷୋଭକାରୀଙ୍କ ଶାଳୀନତା ଦ୍ୱାରା ଅଭିଭୂତ ଗାନ୍ଧୀ କହୁଥିଲେ[୭], "...ମୁଁ କହିଦିଏ ଯେ ଗତକାଲିର ବିକ୍ଷୋଭ ମୋତେ କ୍ରୋଧିତ କରିବା ତ ଦୂରର କଥା, ମୋତେ ଆନନ୍ଦିତ କରିଥିଲା କାରଣ ସେମାନଙ୍କ ଆଚରଣରେ କୌଣସି ପ୍ରକାର ଅଶାଳୀନତା ନ ଥିଲା । ସେମାନେ ମୋ ଉପରକୁ ହାତ ଉଠାଇ ପାରିଥାନ୍ତେ, ତା ପରିବର୍ତ୍ତେ ସେମାନେ ମୋର ଦେହରକ୍ଷୀ ହେଲେ ଏବଂ ମୋତେ ମୋ ଗାଡି ଯାଏ ବାଟ କଢାଇ ଆଣିଲେ । ମୁଁ ସ୍ୱୀକାର କରିବି ଯେ ଯେତେବେଳେ ମୁଁ ସେମାନଙ୍କୁ ଦେଖିଲି, ମୁଁ ଭାବିଲି ଯେ ଦକ୍ଷିଣ ଆଫ୍ରିକାରେ ମୋର ଅଭିଜ୍ଞତା, ଯେଉଁଠି ମୋତେ ଘେରି ମୋ ଉପରେ ଆକ୍ରମଣ ହୋଇଥିଲା (mobbed and assaulted), ତାହାର ପୁନରାବୃତ୍ତି ହେବ ।" ଯଦିଓ ନୌଜଓ୍ୱାନ ସଭାର ଯୁବକମାନେ ଗାନ୍ଧୀଙ୍କୁ କଳା ପତାକା ଦେଖାଇଥିଲେ, ସେମାନେ ଏକ ଡେପୁଟେସନରେ ଗାନ୍ଧୀଙ୍କ ନିକଟକୁ ଯାଇ ତାଙ୍କ ସହ ଖୋଲା ହୃଦୟରେ ଆଲୋଚନା କରିଥିଲେ । ଗାନ୍ଧୀଙ୍କ ଜୀବନୀକାର ଏହି ଆଲେଚନା ସମ୍ପର୍କରେ ଲେଖନ୍ତି[୮],"ସେମାନେ(*ଯୁବକ ମାନେ*)ବୁଝାଇଥିଲେ ଯେ ତାଙ୍କୁ କୌଣସି ପ୍ରକାର ଶାରୀରିକ ଆଘାତ ଦେବା ସେମାନଙ୍କର ଉଦ୍ଦେଶ୍ୟ ନୁହେଁ । ତାଙ୍କ ଜୀବନ ସେମାନଙ୍କ ପାଇଁ ସେତିକି ପ୍ରିୟ ଯେତିକି ଅନ୍ୟମାନଙ୍କ ପାଇଁ ତାଙ୍କ ଜୀବନ । ବ୍ୟକ୍ତିଗତ ସନ୍ତ୍ରାସର ସେମାନେ ବିଶ୍ୱାସୀ ନୁହନ୍ତି । ସେମାନେ କିନ୍ତୁ ରାଜିନାମା (*ଗାନ୍ଧୀ-ଇରଓ୍ୱିନ*)କୁ ବିରୋଧରେ ଦୃଢ଼ ଥିଲେ । ସେମାନଙ୍କର ଯୁକ୍ତି ଥିଲା ଯେ ଏହି ରାଜିନାମା ଦ୍ୱାରା ଭାରତରେ କଦାପି ଶ୍ରମିକ-କୃଷକର ସ୍ୱାଧୀନ ଗଣତନ୍ତ୍ରର (Workers' and Peasants' Free Republic) ସ୍ଥାପନା ସମ୍ଭବ ନୁହେଁ ।" କିନ୍ତୁ ଗାନ୍ଧୀଙ୍କର ଦୃଢ଼

ବିଶ୍ୱାସ ଥିଲା ଯେ ଗାନ୍ଧୀବାଦ ବିରୋଧରେ ସ୍ଲୋଗାନ ଦେଉଥିବା ଯୁବକମାନେ ଗାନ୍ଧୀବାଦକୁ ମାରିଦେଇ ପାରିବେ ନାହିଁ । ସେ ଉପରୋକ୍ତ କରାଚୀ କଂଗ୍ରେସର ଉଦ୍‌ଘାଟନୀ ଅଧିବେଶନରେ କହୁଥିଲେ[৬](ପୃ ୩୦୬-୭.), "ସେମାନେ ମୋତେ ମାରିଦେଇ ପାରନ୍ତି, କିନ୍ତୁ ସେମାନେ ଗାନ୍ଧୀବାଦକୁ ମାରି ପାରିବେ ନାହିଁ । ଯଦି ସତ୍ୟକୁ ମାରି ଦିଆଯାଇପାରେ ତାହାହେଲେ ଗାନ୍ଧୀବାଦକୁ ମାରି ଦିଆ ଯାଇପାରିବ । ଯଦି ଅହିଂସାକୁ ମାରି ଦିଆଯାଇପାରେ ତାହାହେଲେ ଗାନ୍ଧୀବାଦକୁ ମାରି ଦିଆ ଯାଇପାରିବ । ଗାନ୍ଧୀବାଦ ପ୍ରକୃତରେ କ'ଣ, ଯଦି ସତ୍ୟ ଓ ଅହିଂସା ବାଟରେ ସ୍ୱରାଜ ହାସଲ ନୁହେଁ? ସେମାନେ କଣ ସତ୍ୟ ଓ ଅହିଂସା ବାଟରେ ଆସିବା ସ୍ୱରାଜକୁ ଅଗ୍ରାହ୍ୟ କରିବେ?"

***ନବକୃଷ୍ଣଙ୍କ ବ୍ୟୁତ୍ପ ି***

୧୯୩୩ ମସିହା ଫେବୃଆରୀ ମାସରେ ମାର୍କ୍ସଙ୍କ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ଯେଉଁ କେତେଜଣ ବ୍ୟକ୍ତି 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ'ର ସ୍ଥାପନା କଲେ ସେଥିରେ ଅଗ୍ରଣୀ ଭୂମିକା ଥିଲା ନବକୃଷ୍ଣ ଚୌଧୁରୀଙ୍କର । ଏହାର ୬ମାସ ପରେ ନବକୃଷ୍ଣ ଏକ ପତ୍ର (୮/୯/୧୯୩୩) ଜବାହାରଲାଲ ନେହେରୁଙ୍କୁ ଲେଖିଥିଲେ[୯] । ଏହି ପତ୍ରରେ ସେ ଦର୍ଶାଇଥିଲେ ଯେ ଗାନ୍ଧୀବାଦର ଦୁଇଟି ଦିଗ ରହିଛି । ଗୋଟିଏ ଦିଗ ହେଉଛି 'ବ୍ୟକ୍ତିର ନୈତିକ ଅଭ୍ୟୁତ୍‌ଥାନ ଆଭିମୁଖ୍ୟକାମୀ ଗାନ୍ଧୀବାଦ' ଓ ଅନ୍ୟଟି ହେଉଛି 'ବୈପ୍ଳବିକ ଆନ୍ଦୋଳନର ପଦ୍ଧତିଦାୟକ ଗାନ୍ଧୀବାଦ' । ନବକୃଷ୍ଣଙ୍କ ମତରେ ଏହି ଦୁଇଟି ପରସ୍ପରଠାରୁ ସମ୍ପୂର୍ଣ୍ଣ ଅଲଗା । ସେ ଲେଖିଥିଲେ, "ସ୍ୱାଧୀନତା ଲାଭ ଆମର ଆଶୁ ରାଜନୈତିକ ଲକ୍ଷ୍ୟ । ସେହି ଲକ୍ଷ୍ୟ ସାଧନ ବିଚାରରୁ ପ୍ରଥମୋକ୍ତ ମାର୍କା ଗାନ୍ଧୀବାଦର ଉପଯୋଗିତା ବହୁତ କମ୍ । ଯେଉଁ ଗାନ୍ଧୀବାଦ ଆମକୁ ମାନ୍ଦା ଦଳିଆଙ୍କଠାରୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଅସଙ୍ଗଠିତ ହିଂସା ଓ ରାଜନୈତିକ ହତ୍ୟା ଆଦି ହତାଶାମୂଳକ ଅନ୍ଧଗଳିରୁ ନୂଆବାଟ ଦେଖାଇଲା, ସେହି ଧରଣର ଗାନ୍ଧୀବାଦ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରତ୍ୟକ୍ଷ ଭାବରେ ଉପଯୋଗୀ । ଆତ୍ମଘାତୀ ଓ ଅଦୂରଦର୍ଶୀ ହିଂସାରେ ଛନ୍ଦି ହୋଇପଡ଼ିଥିବା ବିଶ୍ୱ ଲାଗି ଲଢୁଆ ଗାନ୍ଧୀବାଦ ହିଁ ଗାନ୍ଧିଜୀଙ୍କର ମୌଳିକ ଅବଦାନ । ଏହି ଧରଣର ଗାନ୍ଧୀବାଦ ଆମଦେଶରେ ନୂଆ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଛି । ସେହି ବାଟରେ ଠିକଣା ଭାବରେ ଶେଷ ପର୍ଯ୍ୟନ୍ତ ଚାଲିଲେ ଆମର ବିଜୟ ସୁନିଶ୍ଚିତ ।" ଅଥଚ ଏହି ଚିଠିରେ ହିଁ ଗାନ୍ଧୀବାଦ ତାର ଲଢୁଆ ଚରିତ୍ର ହରାଇଛି ବୋଲି ଇଙ୍ଗିତ କରିଛନ୍ତି ଯେତେବେଳେ ସେ ଲେଖୁଛନ୍ତି, "ଗାନ୍ଧିଜୀ ଦ୍ୱିତୀୟବାର ଅନଶନ ପରେ, ଜେଲରୁ ଆସିଲା ପରଠାରୁ, ସାଧାରଣ ମଣିଷର ବିଚାର ଓ ବୋଧଗମ୍ୟ ହେଲା ଭଳି ଢଙ୍ଗରେ ନ କହି, ଏ ଭଳି ଭାବରେ କାର୍ଯ୍ୟ କରୁଛନ୍ତି ଓ ତାକୁ ବୁଝାଉଛନ୍ତି ଯାହାକୁ କି ସାଧାରଣ ଲୋକ ବୁଝି ପାରିବ ନାହିଁ ଓ ତା' ପଛରେ ବୋଧଗମ୍ୟ ଯୁକ୍ତି ନାହିଁ । ତାଙ୍କ କହିବାରୁ ଜଣାଯାଏ ଯେଭଳି ସେ କୌଣସି ଅଲୌକିକ ଆଧ୍ୟାତ୍ମିକ ଅନୁଭୂତି ଲାଭ କରି, ଯାହା ଦିଗଦର୍ଶନ ପାଇଲେ, ତାହା ହିଁ କହୁଛନ୍ତି ଓ କରୁଛନ୍ତି । ଆମେ ସେ ସବୁ ପଢ଼ି ବାଉଳା ହୋଇଯାଉଛେ । ଏହାଫଳରେ ଦେଶରେ ଚାଲିଥିବା ଆନ୍ଦୋଳନର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି ।" ଆଉ ଏକ ସ୍ଥାନରେ ସେ ଲେଖୁଛନ୍ତି, "କରାଚୀ କଂଗ୍ରେସ ପୂର୍ବରୁ ବି କଂଗ୍ରେସ ଅନୁଷ୍ଠାନ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବୈପ୍ଳବିକ ପରିବ ର୍ନର ଆବଶ୍ୟକତା ଅନୁଭବ କରିଥିଲା । ୧୯୨୯ ମସିହା ମଇ ୨୫ ଓ ୨୯ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ଏହା ଗ୍ରହଣ କରିଥିଲା; ଦ୍ୱିତୀୟ ଗୋଲଟେବୁଲ ବୈଠକରେ ମହାତ୍ମା ଗାନ୍ଧୀ ନିଜେ ବି ଏହା ସ୍ପଷ୍ଟ କହିଥିଲେ । ଏପରିକି ନିରନ୍ନଙ୍କ ଲାଗି ଧନିକ ଶ୍ରେଣୀର ଲୋପ କଥା ବି ସେ ଉକ୍ତ ବୈଠକରେ ଉଲ୍ଲେଖ କରିଥିଲେ । ଦୁଃଖର କଥା ଯେ, ଏଥିପାଇଁ ଯେଉଁ ସାହସ ଦରକାର କଂଗ୍ରେସ ସେଭଳି ସାହସ ଦେଖାଇ ପାରିନାହିଁ । କୁହାଯାଇପାରେ ଯେ, ଗାନ୍ଧି ବ୍ୟକ୍ତି ଭାବରେ ନିଜ ଢଙ୍ଗରେ ସେହି ସାମାଜିକ ସମାନତା ପାଇଁ କିଛି କାର୍ଯ୍ୟ କରୁଛନ୍ତି । କିନ୍ତୁ ତା'ଙ୍କ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ଏକ ପ୍ରଥମଶ୍ରେଣୀ ବୈପ୍ଳବିକ ଆନ୍ଦୋଳନ ହେବା ପରିବର୍ େ ପୂରାପୁରି ଏକ ସଂସ୍କାରମୂଳକ କାର୍ଯ୍ୟରେ ପର୍ଯ୍ୟବସିତ ହୋଇଛି ।" ଗାନ୍ଧୀବାଦର ବୈପ୍ଳବିକ ଚରିତ୍ର ଦୁର୍ବଳ ହେବା ନବକୃଷ୍ଣଙ୍କୁ ବିବ୍ରତ କରୁଥିବାବେଳେ, ଓ ସତ୍ୟ ଓ ଅହିଂସାକୁ ଭି ି କରି ସ୍ୱରାଜ ହାସଲ ହିଁ ଗାନ୍ଧୀବାଦ ବୋଲି ଗାନ୍ଧୀ ଯେତେବେଳେ ପରିଭାଷିତ କରିଥିଲେ ସେତେବେଳେ ନବକୃଷ୍ଣ ନେହେରୁଙ୍କୁ ଲେଖୁଥିଲେ, "...ଅସାଧାରଣ ପରିସ୍ଥିତିରେ ନିଜେ ମାରିବା ଓ ମାରିବା ଲାଗି ଅନ୍ୟକୁ ଉତ୍ସାହିତ କରିବା ଭଳି ହିଂସା ମଧ୍ୟ ସତ୍ୟାଗ୍ରହର ପରିପନ୍ଥୀ ନୁହେଁ, ଏପରିକି ସତ୍ୟାଗ୍ରହର ସହାୟକ ବୋଲି ବିଚାର କରାଯାଏ ।"

***ଉପସଂହାର***

ଉପରୋକ୍ତ ସୂଚନାରୁ ଜଣାଯାଏ ଯେ ଗତ ଶତାବ୍ଦୀର ୩୦ଦଶକରେ ଉଭୟ ଗାନ୍ଧୀ ଓ ଭଗତ ସିଂହ ଗାନ୍ଧୀବାଦକୁ ଏକ ରାଜନୈତିକ ପ୍ରକ୍ରିୟା ଭାବେ ହିଁ ଦେଖୁଥିଲେ । ଗାନ୍ଧୀବାଦ ଦ୍ୱାରା ହିଁ ସ୍ୱରାଜ ହାସଲ ହୋଇପାରିବ ଏଥିରେ ଗାନ୍ଧୀ ଦୃଢ଼ ନିଶ୍ଚିତ ଥିବା ବେଳେ ଏହା ଦ୍ୱାରା ଭାରତରେ ଏକ Workers' and Peasants' Free Republic ସ୍ଥାପନା ସମ୍ଭବ ନୁହେଁ ବୋଲି ଭଗତ ସିଂହ ଓ ତାଙ୍କର ଅନୁଯାୟୀମାନେ

ଦୃଢ଼ ନିଶ୍ଚିତ ଥିଲେ । ସେମାନଙ୍କର ଲକ୍ଷ୍ୟଥିଲା ମାର୍କ୍ସୀୟ ଭି ିରେ ଭାରତୀୟ ସମାଜର  ପୁନର୍ଗଠନ । ଅପର ପକ୍ଷରେ 'ଗାନ୍ଧୀବାଦକୁ ଏକ ଉଚ୍ଚକୋଟୀର ବିଚାରଧାରା'[୯] ବୋଲି ସ୍ୱୀକାର କରୁଥିବା ନବବାବୁ, ଗାନ୍ଧୀବାଦର ବୈପ୍ଳବିକ ଚରିତ୍ର ଦୁର୍ବଳ ହେବା ସ୍ୱାଧୀନତା ହାସଲ ଓ ଏକ ବୈଷମ୍ୟହୀନ ଭାରତୀୟ ସମାଜ ଗଠନ ପାଇଁ ଆନ୍ଦୋଳନକୁ ଲକ୍ଷ୍ୟଚ୍ୟୁତ କରିଦେବ ବୋଲି ପ୍ରକାରାନ୍ତରେ ଆଶଙ୍କା କରନ୍ତି । କିନ୍ତୁ ଗାନ୍ଧୀବାଦର ବିଚାର କେବଳ ରାଜନୈତିକ ପ୍ରୟୋଗରେ ସୀମିତ ନୁହେଁ । ଗାନ୍ଧୀବାଦ ଭିତରେ ଏକ ଅର୍ଥନୈତିକ ବିଚାର ରହିଛି ଓ ଏକ ସାମାଜିକ ବିଚାର ମଧ୍ୟ ରହିଛି । ଗାନ୍ଧୀବାଦର ଏହି ଦୁଇ ବିଚାର ଉପରେ ବିମର୍ଶ ଏକ ଉପସ୍ଥାପନାର ଅପେକ୍ଷା କରୁଛି ।

***<u>ବ୍ୟବହୃତ ଉପାଦାନ ସୂଚୀ</u>***


୧.Mahatma, D.G.Tendulkar, Publications Division, vol. 4, p.54

୨.Gandhism-the doom for untouchables, in What Congress and Gandhi have done to the Untouchables ,. B.R. Ambedkar , 1945

୩ To Young Political Workers,Bhagat Singh ,February 2, 1931 ,: www.shahidbhagatsingh.org

୪ Mahatma, D.G.Tendulkar, Publications Division,.vol.3, p.74

୫.Mahatma, D.G.Tendulkar, Publications Division, vol.3, p.72 .

୬. 338. Letter to Viceroy, The Collected Works of Mahatma Gandhi, Vol.51: 6 January, 1931-28 April 1931,    p.290

୭.349. Speech at Karachi Congress, The Collected Works of Mahatma Gandhi, Vol.51: 6 January, 1931-28 April 1931, p.305

୮.Mahatma, D.G.Tendulkar, Publications Division, vol 3, p.75

୯.ଅନିର୍ବାଣ, ପଦ୍ମଚରଣ ନାୟକ, ପ୍ରଥମ ସଂସ୍କରଣ, ୧୯୯୬, ପୃ-୭୨-୭୬